## ସଂକ୍ଷେପରେ

### ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତାର ହାତ ବଢ଼ାଅ




**ଭୁବନ, ୭।୧୧(ଡି.ଏନ୍.ଏ.):** ଭୁବନ ମହିଳା ଡିଗ୍ରୀ କଲେଜ ପରିସରରେ ଚାଲିଥିବା ଯୁବ ରେଡ୍‌କ୍ରସ୍ କର୍ମଶାଳାର ଦ୍ୱିତୀୟ ଦିନରେ ରବିବାର ସଡ଼କ ସୁରକ୍ଷା ନେଇ ସଚେତନ କରାଯାଇଛି। ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁର୍ଘଟଣାଗ୍ରସ୍ତଙ୍କୁ ମାନବିକତା ପ୍ରଦର୍ଶନ କରି ସହାୟତାର ହାତ ବଢ଼ାଇବାକୁ ନିବେଦନ କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସ୍ୱେଚ୍ଛାସେବୀ ଅକ୍ଷୟ ଜେନା ଅତିଥି ଭାବେ ଯୋଗଦେଇ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯୁବ ରେଡ୍‌କ୍ରସ୍ କାଉନ୍‌ସିଲର ଅଧ୍ୟାପିକା ଅନୁପମା ମିଶ୍ର, ଅଧ୍ୟାପିକା ନମିତା ଦ୍ୱିବେଦୀ, ଅଧ୍ୟାପକ ନିରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

### ମମତାଞ୍ଜଳି ପୁନର୍ବାର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ



**ଢେଙ୍କାନାଳ ଅଫିସ, ୭।୧୧:** ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ଅନୁମୋଦନକ୍ରମେ ମମତାଞ୍ଜଳି ବେହେରାଙ୍କୁ ପୁନର୍ବାର ଢେଙ୍କାନାଳ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ମନୋନୀତ କରାଯାଇଛି। ଜଣେ ଆଇନଜୀବୀ ଭାବେ ଖ୍ୟାତି ଅର୍ଜନ କରିଥିବା ମମତାଞ୍ଜଳି ପୂର୍ବରୁ ବାବନ୍ଧ ସରପଞ୍ଚ, କାମାକ୍ଷାନଗର ୩ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା ଭାବେ ନିର୍ବାଚିତ ହୋଇଥିଲେ। ଏବେ ସେ ଆମ୍ବେଦକର ମେମୋରିଆଲ୍ ସୋସାଇଟିର ଉପସଭାନେତ୍ରୀ ଏବଂ ଜିଲା ଦଳିତ ସଂଘର ସାଧାରଣ ସମ୍ପାଦିକା ଅଛନ୍ତି। ରାଜ୍ୟ ନେତୃତ୍ୱ ତାଙ୍କ ଉପରେ ଭରସା କରିଥିବାରୁ ସେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷାପ୍ରସାଦ ସିଂଦେଓ, ଓଡ଼ିଶା ପ୍ରଭାରୀ ଡ. ଚେଲ୍ଲା କୁମାର, ଜିଲା ସଭାପତି ସରୋଜ ପଟ୍ଟନାୟକ, ପିସିସି ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଗାଡ଼ି ଧକ୍କାରେ ଯୁବକ ମୃତ

**ପାଲଲହଡ଼ା, ୭।୧୧(ଡି.ଏନ୍.ଏ.):** ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଫପଣ୍ଡ ଗ୍ରାମ ନିକଟରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଫପଣ୍ଡ ଗ୍ରାମର ତରୁଣ ବେହେରା (୪୫)। ତରୁଣ ୪୯ନଂ. ଜାତୀୟ ରାଜପଥରେ ଚାଲି ଚାଲି ଘରକୁ ଯାଉଥିବାବେଳେ ଏକ ଗାଡ଼ି ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ କିଛି ସମୟ ପାଇଁ ରାସ୍ତା ଅବରୋଧ କରିଥିଲେ। ପାଲଲହଡ଼ା ଅଗ୍ନିଶମ ବାହିନୀ, ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିବା ଲାଗି ପଠାଇଛି।

### ଦିନକରେ ସୁସ୍ଥ ହେଲେ ୧୦

**ଢେଙ୍କାନାଳ ଅଫିସ, ୭।୧୧:** ଢେଙ୍କାନାଳ ଜିଲାରେ କ୍ରମାଗତ ସଂକ୍ରମଣ କମିବାରେ ଲାଗିଛି। ଗତ ଦୁଇଦିନ ହେଲା ଆକ୍ରାନ୍ତଙ୍କ ତୁଳନାରେ ଅଧିକ ସୁସ୍ଥ ହେଉଛନ୍ତି। ରବିବାର ମୋଟ ୧,୭୨୬ ଟେଷ୍ଟିଂ କରାଯାଇଥିବାବେଳେ ଢେଙ୍କାନାଳ ପୌରାଞ୍ଚଳରୁ ମାତ୍ର ଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ ୧୦ଜଣ ସୁସ୍ଥ ହୋଇଛନ୍ତି। ଏହାପରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୯ ହଜାର ୮୮୨ ଏବଂ ସୁସ୍ଥ ସଂଖ୍ୟା ୧୯ହଜାର ୬୧୯ରେ ପହଞ୍ଚିଛି। ଜିଲାରେ ଏବେ ୨୦ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଥିବାବେଳେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୪୩ରେ ସୀମିତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# କୂଅରୁ ମିଳିଲା ପୀତବାସଙ୍କ ମୃତଦେହ

■ ୩ ତାରିଖରୁ ନିଖୋଜ ଥିଲେ
■ ହତ୍ୟା ଅଭିଯୋଗ, ୩ ଅଟକ

**ଢେଙ୍କାନାଳ ଅଫିସ, ୭।୧୧**


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ବୋରାପଦା ଖମାର ଗ୍ରାମର ନିଖୋଜ ବ୍ୟବସାୟୀ ପୀତବାସ ଦାସ (୪୮)ଙ୍କ କ୍ଷତବିକ୍ଷତ ମୃତଦେହ ଘରଠାରୁ ଅନତି ଦୂରରେ ଥିବା ଏକ ପରିତ୍ୟକ୍ତ କୂଅରୁ ରବିବାର ମିଳିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ପୀତବାସ ଟ୍ରାକ୍ଟରରେ ଇଟା, ବାଲି ପରିବହନ ବ୍ୟବସାୟ କରୁଥିଲେ। ଗତ ବୁଧବାରଠାରୁ ସେ ନିଖୋଜ ଥିଲେ। ପରିବାର ପକ୍ଷରୁ ସଦର ଥାନାରେ ଅପହରଣ ଏବଂ ନିଖୋଜ ଅଭିଯୋଗ ହେବା ପରେ ଏକ ମାମଲା ରୁଜୁ କରାଯାଇଥିଲା। ଶୁକ୍ରବାର ବୋରାପଦା ନିକଟ ରାସ୍ତାକଡ଼ରୁ ତାଙ୍କ ବାଇକ୍ ଉଦ୍ଧାର କରାଯାଇଥିଲା। ଏହାପରେ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ସଦର ଥାନା, ଗୋବିନ୍ଦପୁର ଫାଣ୍ଡି ପୋଲିସ ବୋରାପଦା ନିକଟ ଜଙ୍ଗଲ, କୂଅ ପୋଖରୀରେ ଖୋଜାଖୋଜି କରିଥିଲା। ହେଲେ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ରବିବାର ସକାଳେ ତାଙ୍କ ସାନଭାଇ ପୂର୍ଣ୍ଣଚନ୍ଦ୍ର ବୋରାପଦା ଗ୍ରାମ ଆମ୍ବତୋଟା ନିକଟ ଏକ କୂଅ ପାଖରେ ଖୋଜାଖୋଜି କରୁଥିବା ବେଳେ ମାଛି ଭଣଭଣ ହେଉଥିବା ଦେଖିଥିଲେ। ସନ୍ଦେହରେ କୂଅ ଭିତରକୁ ଦେଖିବାବେଳେ ଏକ ମୃତଦେହ ପଡ଼ିଥିବା ଜଣାପଡ଼ିଥିଲା। ସୂଚନା ପାଇ ସଦର ଥାନାଧିକାରୀ ଅଭିନବ ଡାଲୁଆ ପୋଲିସ, ଅଗ୍ନିଶମ କର୍ମଚାରୀ ଏବଂ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ମୃତଦେହକୁ କୂଅରୁ ବାହାର କରିଥିଲେ। ଏହାପରେ ମୃତଦେହ ପୀତବାସଙ୍କର ବୋଲି ସ୍ପଷ୍ଟ ହୋଇଥିଲା।

ପରିବାର ଲୋକଙ୍କ କହିବା କଥା, ପୂର୍ବ ଶତ୍ରୁତାକୁ ନେଇ ରହିଥିବା ଏକ ବିବାଦର ସମାଧାନ କରିବାକୁ ୩ଦିନ ତଳେ ପୀତବାସଙ୍କ ନିକଟକୁ ଏକ ଫୋନ୍ ଆସିଥିଲା। ହେଲେ ସେ ଏଥିରେ ରାଜି ନ ଥିଲେ। ଅଭିଯୁକ୍ତମାନେ ତାଙ୍କୁ ଅପହରଣ ପରେ ହତ୍ୟା କରି କୂଅରେ ଫିଙ୍ଗି ଦେଇଥିବା ଘର ଲୋକେ ଅଭିଯୋଗ କରିଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ଏ ସଂକ୍ରାନ୍ତରେ ନଂ. ୫୮୦/୨୧, ଦଫା ୩୪୧, ୩୨୩, ୩୬୪, ୩୬୫, ୨୦୧, ୩୦୨ ଓ ୩୪ରେ ଏକ ମାମଲା ରୁଜୁ କରାଯାଇଛି।

# ତପୋବନ ବିକାଶ ତ୍ୱରାନ୍ୱିତ ହେବ

**ଢେଙ୍କାନାଳ ଅଫିସ, ୭।୧୧**

ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ ଶନିବାର ମହିମାଧର୍ମର ଆଦିପୀଠ କପିଳାସ ତପୋବନର ବିକାଶ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏହି ଐତିହାସିକ ସ୍ଥାନର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଥିବା ସେ ସୂଚନା ଦେଇଛନ୍ତି।ଏହି ଅବସରରେ ପୀଠରେ ଆତ୍ମସେବା ପାଇଁ ପକ୍କା ଛାତ ବିଶିଷ୍ଟ ଭିକ୍ଷା ମଣ୍ଡପ ନିର୍ମାଣ, ଦିବ୍ୟାଙ୍ଗ ଏବଂ ବୟସ୍କମାନେ ସୁବିଧାରେ ଯିବାଆସିବା ଲାଗି ବିକଳ୍ପ ପକ୍କା ରାସ୍ତା, ଝରଣା ଜଳ ସଂରକ୍ଷଣ ପାଇଁ ଆଡିବନ୍ଧ ନିର୍ମାଣ, ଭୂତଳ କେବୁଲ ମାଧ୍ୟମରେ ବିଦ୍ୟୁତୀକରଣ, ସୌର ଶକ୍ତିଚାଳିତ ଆଲୋକୀକରଣ ବ୍ୟବସ୍ଥାର ସମ୍ପ୍ରସାରଣ, ଅଖଣ୍ଡବଟି ମନ୍ଦିରଠାରୁ ଧୂନି ମଣ୍ଡପ ଯାଏ ପକ୍କା ପାହାଚ, କାଦୁଆ ଗ୍ରାମ ପ୍ରବେଶ ପଥରେ ଐତିହ୍ୟ ତୋରଣ ନିର୍ମାଣ ଏବଂ ୪ କିଲୋମିଟର ରାସ୍ତାର ସ୍ଥାୟୀ ସୁଦୃଢ଼ୀକରଣ କରିବାକୁ ଜିଲାପାଳଙ୍କୁ ପ୍ରସ୍ତାବ ଦିଆଯାଇଛି। ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଓରେଡା ସହକାରୀ ନିର୍ଦ୍ଦେଶକ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କୌପିନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ ରଘୁନାଥ ବାବା, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, କରୁଣାକର ବାବା, ଜ୍ଞାନୀ ବାବା, ମନ୍ତ୍ରୀ ବାବା, ବିନୋଦ ବାବା ପ୍ରମୁଖ ତପୋବନର ବିକାଶ ପାଇଁ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି।


ଜିଲାପାଳ ଜଣେ ପୀଠର ମହିମା ସାଧୁଙ୍କ ସହିତ ଆଲୋଚନା କରୁଛନ୍ତି।

# ନାଲ୍‌କୋ ପକ୍ଷରୁ ମେଗା ରକ୍ତଦାନ ଶିବିର

**୧୧୮ ୟୁନିଟ୍ ରକ୍ତ ସଂଗ୍ରହ**

**ବଅଁରପାଳ, ୭।୧୧(ଡି.ଏନ୍.ଏ.)**


ରକ୍ତଦାନ ଶିବିରରେ ଉପସ୍ଥିତ କମ୍ପାନୀର ଅଧିକାରୀମାନେ।

'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଅବସରରେ ନାଲ୍‌କୋ କଲ୍ୟାଣ ମଣ୍ଡପରେ ରବିବାର ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଛି। ନାଲ୍‌କୋ ନିର୍ବାହୀ ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ପଣ୍ଡା ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମାନବସମ୍ବଳ ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ, ମହାପ୍ରବନ୍ଧକ ସୁଧୀର ପଟ୍ଟନାୟକ, ଅଶୋକ ଦାସ, ଏମ୍.ଆର୍. ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ୍ ୧୧୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ନାଲ୍‌କୋ କର୍ମଚାରୀ ଗିରିଜା ଶଙ୍କର ପଣ୍ଡା ୬୫ଥର ରକ୍ତଦାନ କରି ରେକର୍ଡ ସୃଷ୍ଟି କରିଛନ୍ତି। ମହାନ ସେଠ, ବିକାଶ ପାଲ ପ୍ରମୁଖ ରକ୍ତଦାନ କରିଥିଲେ। ଡିଜିଏମ୍ ରାଜାରାମ ମିଶ୍ରଙ୍କ ନେତୃତ୍ୱରେ ଲୋକସମ୍ପର୍କ ଅଧିକାରୀ ସମୀର ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡାକ୍ତର ସତ୍ୟବ୍ରତ ପାଟଚାର୍ଯ୍ୟଙ୍କ ସମେତ ରକ୍ତଭଣ୍ଡାର କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ନାଲ୍‌କୋ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା, କାର୍ଯ୍ୟକାରୀ ସଭାପତି ସୁଜିତ ସେଠ, ମାଧବ ସେଠୀ, ସ୍ୱରୂପ ରଞ୍ଜନ ସ୍ୱାଇଁ, ନେସ୍ ସାଧାରଣ ସମ୍ପାଦକ ନିର୍ମଳ ସାମଲ, ଉପସଭାପତି ମନୋଜ ସ୍ୱାଇଁ, ଶ୍ରମିକ ନେତା ନିର୍ମଳ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ଲଉଡ଼ି ଖେଳ ମହୋତ୍ସବ



ଲଉଡ଼ି ଖେଳ ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୭।୧୧**

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ନିୟୁ ଇଣ୍ଡିଆ'ର ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସନ୍ଥପୁର ଗ୍ରାମରେ ଲଉଡ଼ି ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଶେଷଦେବ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ କହିଲେ, ପରମ୍ପରା ଜନଜୀବନ ସହିତ ଜଡ଼ିତ। ଏହାକୁ ବଞ୍ଚାଇ ରଖିବାକୁ ସବୁସ୍ତରରେ ଉଦ୍ୟମ ଜରୁରୀ। ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ବିଡିଓ ଆଶିଷ ରଞ୍ଜନ ସାହୁ, ନେହେରୁ ଯୁବକେନ୍ଦ୍ର ଉପନିର୍ଦ୍ଦେଶକ ଅଶୋକ ଦାସ, ସାମାଜିକ କର୍ମୀ ନରୋତ୍ତମ ସାହୁ, ନିରାକାର ରାଉତ, ସୁଧାଂଶୁ ଦଳେଇ, ବିଶ୍ୱନାଥ ଜେନା, ଶୁଭଦର୍ଶିନୀ ପରିଡ଼ା, ରୁବି ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନ ଅଧିବେଶନରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରଙ୍କୁ ନେଇ ଲଉଡ଼ିବାଡ଼ି ପ୍ରତିଯୋଗିତା ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀ ଏବଂ ଦଳକୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# 'ସଂସ୍କୃତିକୁ ସମୃଦ୍ଧ କରିବା ଉଦ୍ଦେଶ୍ୟ'

## ୩୬ତମ ନଟରାଜ କୁମାରୋତ୍ସବ

**ଢେଙ୍କାନାଳ ଅଫିସ, ୭।୧୧**

ଭାରତୀୟ ନୃତ୍ୟରେ ରହିଛି ଅନନ୍ୟ ଆକର୍ଷଣ। ଏହା ଦର୍ଶକଙ୍କ ସମେତ ସାପ ଭଳି ସରୀସୃପଙ୍କୁ ମଧ୍ୟ ସମ୍ମୋହିତ କରିବାର କ୍ଷମତା ରଖିଆସିଛି। ସଂସ୍କୃତିକୁ ଉଜ୍ଜୀବିତ ଓ ସମୃଦ୍ଧ କରିବା କୁମାରୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ନୃତ୍ୟକଳା ଏହାର ବଡ଼ ମାଧ୍ୟମ ବୋଲି କହିଛନ୍ତି ରାଜ୍ୟ ଦରିଦ୍ର ନାରାୟଣ ସେବା ସଂଘ ସଭାପତି ତଥା ସମାଜର ପ୍ରକାଶକ ଓ ମୁଦ୍ରାକର ନିରଞ୍ଜନ ରଥ। ଢେଙ୍କାନାଳ ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍‌ରେ ରବିବାର ସନ୍ଧ୍ୟାରେ ଆୟୋଜିତ ୩୬ତମ ନଟରାଜ କୁମାରୋତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ କହିଲେ, କଳା ଓ କଳାକାର ଏକାଠି ହେଲେ ଭାରତୀୟ ସଂସ୍କୃତିର ବିକାଶ ହୋଇପାରିବ। ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ଏଭଳି କାର୍ଯ୍ୟକ୍ରମ ବଡ଼ ମାଧ୍ୟମ। ଏହି ଧାରା ଜାରି ରହୁ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଉପସଭାନେତ୍ରୀ ପ୍ରୋତିମା ସିହ୍ନା ମଞ୍ଚାସୀନ ଥିଲେ। ଏହି ଅବସରରେ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ଯାମିନୀ ରଞ୍ଜନ ଦାସ, ନୃତ୍ୟଗୁରୁ ଗୌରୀଶଙ୍କର ଦାଶ, ଅଭିନେତା ଅମ୍ବିକା ପ୍ରସାଦ ପଟ୍ଟନାୟକ, ହାସ୍ୟ ଅଭିନେତା ଅରବିନ୍ଦ ସାହୁ, ବାଦ୍ୟଯନ୍ତ୍ର ଶିଳ୍ପୀ ଦୀପ୍ତୀଶ କୁମାର ମହାପାତ୍ର, ତବଲା ବାଦକ ଗୁରୁ ଉପେନ୍ଦ୍ର ମଲ୍ଲିକ, ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ସିମରନ ଦାସ ପ୍ରମୁଖଙ୍କୁ 'ନଟରାଜ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି କୃଷ୍ଣକୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ସମ୍ପାଦକ ଅଶୋକ ଦାସ, ମଧୁସୂଦନ ରାଉତ, ସତ୍ୟନାରାୟଣ କର ପ୍ରମୁଖ ପରିଚାଳନା କରିଥିଲେ। ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଓଡ଼ିଶୀ, ବିହୁ, ନୃତ୍ୟନାଟିକା ପରିବେଷଣ କରାଯାଇଥିଲା।


ଜଣେ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

### ଦୋକାନ ପୋଡ଼ି ଅଭିଯୋଗ: ୨୫ ଲକ୍ଷ ଟଙ୍କାର ସମ୍ପତ୍ତି ଛାରଖାର

**ଗଁଦିଆ, ୭।୧୧**

ଢେଙ୍କାନାଳ ଜିଲା ଯୋରନ୍ଦା ମେଡିକାଲ ସମ୍ମୁଖରେ ଥିବା ସାହୁ ଭେରାଇଟି ଷ୍ଟୋରରେ ଶନିବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଢେଙ୍କାନାଳ ଏବଂ ଗଁଦିଆରୁ ଦମକଳ ଗାଡ଼ି ଆସି ପହଞ୍ଚିଥିଲେ ମଧ୍ୟ ସେତେବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡରେ ନଗଦ ୪ ଲକ୍ଷ ୧୫ ହଜାର ଟଙ୍କା ସମେତ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ଦୋକାନୀ ନାରାୟଣ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଦୁଇମାସ ତଳେ ପଡୋଶୀ ଅବିନାଶ ପ୍ରଧାନ ଏବଂ ବିଜୟ ପ୍ରଧାନଙ୍କ ସହିତ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଉଭୟେ ଦୋକାନ ପୋଡ଼ିଦେବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଘଟଣାସ୍ଥଳରୁ ଏକ ପେଟ୍ରୋଲ୍ ବୋତଲ ଏବଂ ଦିଆସିଲି ମିଳିଛି। ତେଣୁ ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଯାଇଥିବା ନାରାୟଣ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରୁଛି। ଅନ୍ୟପଟେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଗଲେ ମିଳିତ ବଜାର କମିଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

### ବିଜେଡିରେ ଯୋଗଦେଲେ ଶତାଧିକ କର୍ମୀ

**ଭୁବନ, ୭।୧୧(ଡି.ଏନ୍.ଏ.)**

ଭୁବନ ବ୍ଲକ ଗଡ଼ନୃସିଂହପ୍ରସାଦ ଏବଂ ବାଲିବୋ ପଞ୍ଚାୟତ ବିଭିନ୍ନ ରାଜନୈତିକ ଦଳର ଶତାଧିକ କର୍ମୀ ରବିବାର ବିଜୁ ଜନତା ଦଳ (ବିଜେଡି)ରେ ମିଶିଛନ୍ତି। ଭୁବନ ଡାକବଙ୍ଗଳାରେ ଆୟୋଜିତ ମିଶ୍ରଣ ପର୍ବରେ ଗଡ଼ନୃସିଂହପ୍ରସାଦ ସରପଞ୍ଚ ତପନ କୁମାର କଅଁର ଶତାଧିକ ସମର୍ଥକଙ୍କ ସହିତ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦେଇଥିଲେ। ସେହିପରି ବାଲିବୋ ଶିବମନ୍ଦିର ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ଯୁବନେତା ଜନସନ ବର୍ଦ୍ଧନଙ୍କ ନେତୃତ୍ୱରେ ୩୦୦ରୁ ଊର୍ଦ୍ଧ୍ୱ ଯୁବକ ବିଜେଡିରେ ସାମିଲ ହୋଇଛନ୍ତି। ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳର ନୀତିଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଦଳର ସଙ୍ଗଠନକୁ ଆହୁରି ମଜଭୁତ୍ କରି ଆଗାମୀ ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ସଭାପତି ସୁଧାକର ସାହୁ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ମାୟାଧର ପଣ୍ଡା, ସରପଞ୍ଚ ସନ୍ତୋଷ କୁମାର ଖୁଣ୍ଟିଆ, ନାରୀନେତ୍ରୀ ତିଲୋତ୍ତମା ଚୌଧୁରୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଜିଲା ସମ୍ମିଳନୀ ପାଇଁ ପ୍ରସ୍ତୁତି

**ଭୁବନ, ୭।୧୧(ଡି.ଏନ୍.ଏ.)**

ଆସନ୍ତା ଜାନୁୟାରୀ ୯ରେ କାପୁଡ଼ିଆ ସମାଜର ଜିଲା ସମ୍ମିଳନୀ ଭୁବନ ହିଙ୍ଗୁଳା ପୀଠ ପରିସରରେ ଅନୁଷ୍ଠିତ ହେବ। ଏଥିରେ ଢେଙ୍କାନାଳ ସମେତ ଅନୁଗୋଳ ଏବଂ ଯାଜପୁର ଜିଲା ସମାଜର କର୍ମକର୍ତ୍ତା ଯୋଗଦେବେ। କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ଲାଗି ରବିବାର ସ୍ଥାନୀୟ ଷଠିଘର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନ କାପୁଡିଆ ସମାଜର ସଭାପତି ବାସୁଦେବ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବାଲିକିଆରି, ଷଡ଼ଙ୍ଗୀ, ଝାରଦା ଅଞ୍ଚଳର କର୍ମକର୍ତ୍ତା ଉପସ୍ଥିତ ରହି ଜାତିଗତ ଭେଦଭାବ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସର୍ବସମ୍ମତିକ୍ରମେ ବାସୁଦେବ ବେହେରାଙ୍କୁ ରାଜ୍ୟ ସଭାପତି ଏବଂ ଦିଲୀପ ଦାସଙ୍କୁ ସଙ୍ଗଠନ ସମ୍ପାଦକ ଭାବେ ଚୟନ କରାଯାଇଛି। ସେହିପରି ଜିଲା ସଭାପତି ଭାବେ ଖଗେଶ୍ୱର ନାୟକ, ଉପସଭାପତି ରାମଚନ୍ଦ୍ର ରାଉତ, ପ୍ରମୋଦ କୁମାର ଦାସ, ବିପିନ ବିହାରୀ ଦାସ, ସାଧାରଣ ସମ୍ପାଦକ ଭାବେ ଭାସ୍କର ଚନ୍ଦ୍ର ନାୟକ, ସମ୍ପାଦକ ପଙ୍କଜ ସାହୁ, ରମେଶ ଚନ୍ଦ୍ର ଗୁରୁ, ବିରଞ୍ଚି ନାରାୟଣ ପୋଥାଳ, ସାରଙ୍ଗଧର ବିହାରୀ ଏବଂ ଭାଗବତ ନାୟକଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି।


ବୈଠକରେ କାପୁଡ଼ିଆ ସମାଜର କର୍ମକର୍ତ୍ତାମାନେ।

# ବ୍ରାହ୍ମଣୀ କୂଳରେ ମେଗା ଜଳଯୋଗାଣ ପ୍ରକଳ୍ପ


ପାନୀୟ ଜଳ ପ୍ରକଳ୍ପ ଭୂମିପୂଜନ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

**ଭୁବନ, ୭।୧୧(ଡି.ଏନ୍.ଏ.)**

■ ମନ୍ତ୍ରୀଙ୍କ ଦ୍ୱାରା ଭୂମିପୂଜନ ସମ୍ପନ୍ନ
■ ଖର୍ଚ୍ଚ ହେବ ୧୧୮.୯୭ କୋଟି ଟଙ୍କା
■ ଉପକୃତ ହେବେ ୧.୫ ଲକ୍ଷ ଲୋକ

ଢେଙ୍କାନାଳ ଜିଲା ଭୁବନ ବ୍ଲକ ମାର୍ଥାପୁର ପଞ୍ଚାୟତ ଓଡ଼ଣା ମାଳପୁରା ଗ୍ରାମ ନିକଟରେ ବ୍ରାହ୍ମଣୀ ନଦୀ କୂଳରେ ହେବ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ। ଗୁରୁବାର ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏହାର ଭୂମିପୂଜା କରିଛନ୍ତି। ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ ନିର୍ମାଣ ଲାଗି ୧୧୮ କୋଟି ୯୭ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ୨୦୨୩ ମାର୍ଚ୍ଚ ୨୩ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ କାମାକ୍ଷାନଗର ବ୍ଲକର ୧୩ ଏବଂ ଭୁବନ ବ୍ଲକର ୧୮ ପଞ୍ଚାୟତକୁ ପାନୀୟ ଜଳ ପହଞ୍ଚିବ। ପ୍ରାୟ ଦେଢ଼ ଲକ୍ଷ ଲୋକ ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ତତ୍ତ୍ୱାବଧାନରେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ନିଷ୍ପତ୍ତି ହୋଇଛି।

ଶିଳାନ୍ୟାସ କାର୍ଯ୍ୟକ୍ରମରେ ଜିଲା ଜଳଯୋଗାଣ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା, ଉପନିର୍ବାହୀ ଅଧିକାରୀ ହିମାଂଶୁ ଶେଖର ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରହ୍ଲାଦ ନାଥ, ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଉପାଧ୍ୟକ୍ଷା ସୁଭଦ୍ରା ପାତ୍ର, ମାର୍ଥାପୁର ସରପଞ୍ଚ ସଞ୍ଜୟ ଦାସ, ତହସିଲଦାର ପ୍ରଭାସ ବେଉରିଆଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ଅନୁଗୋଳ ଅଫିସ:** ଅନୁଗୋଳ ଥାନା ଶିମିଳିପଡ଼ା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ସଦର ଥାନା ପୋଲିସ ଲିଙ୍ଗରାଯୋଡ଼ି ଗୋଡ଼ିସାହିର ଲିଟୁନ୍ ପଟ୍ଟନାୟକଙ୍କୁ ଗିରଫ କରିଛି। ନାବାଳିକାଙ୍କ ଘର ଢେଙ୍କାନାଳ ଜିଲା ରାସୋଳ ଥାନା ଅଞ୍ଚଳରେ। ସେ ଦୀର୍ଘଦିନ ହେଲା ଅନୁଗୋଳରେ ନିଜ ପରିବାର ସହ ରହୁଛନ୍ତି। ନାବାଳିକାଙ୍କ ପରିବାର ଲୋକ ଘରେ ନ ଥିବାରୁ ସୁଯୋଗ ନେଇ ଲିଟୁନ୍ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

**ସଂକ୍ଷେପରେ**

## ପାନ ଦୋକାନରେ ଗଣ୍ଡଗୋଳ, ୨ ଗିରଫ

**ଅନୁଗୋଳ ଅଫିସ, ୭।୧୧:** ଅନୁଗୋଳ ଥାନା ସୁସୁଡ଼ା ଅଞ୍ଚଳର ଏକ ପାନ ଦୋକାନରେ ଗଣ୍ଡଗୋଳ କରିବା ଅଭିଯୋଗରେ ପୋଲିସ ମାଟିଆସାହିର ବିକି ପ୍ରଧାନ ଓ ସୁବାସ ନାଏକଙ୍କୁ ଗିରଫ କରିଛି। ବିକି ଏବଂ ସୁବାସ ଶନିବାର ଦୋକାନକୁ ଆସି ପାନ ଖାଇଥିଲେ। ସିଗାରେଟ ଟାଣିବା ପରେ ଗୁଟ୍‌ଖା ମାଗିଥିଲେ। ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଦୋକାନୀ ଶ୍ରୀକାନ୍ତ ନାୟକ ଅଯଥା ଗଣ୍ଡଗୋଳ ନ କରି ଟଙ୍କା ଦେଇ ଚାଲିଯିବାକୁ କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଉଭୟେ ଶ୍ରୀକାନ୍ତଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ପାଇଖାନା ଟାଙ୍କି ମୁକୁଳା, ଥାନାରେ ମାମଲା

**ଅନୁଗୋଳ ଅଫିସ, ୭।୧୧:** ଅନୁଗୋଳ ସହର ଉପକଣ୍ଠରେ ଥିବା ସୁସୁଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କ ମୁକୁଳା ପାଇଖାନା ଟାଙ୍କି ପାଇଁ ସମସ୍ୟା ଭୋଗୁଛନ୍ତି ସାହିବାସୀ। ଦୁର୍ଗନ୍ଧରେ ନାକ ଫାଟୁଥିବାବେଳେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହାର ପ୍ରତିବାଦରେ ଅମର ଭୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଥାନାକୁ ଡାକି କେବଳ ତାଗିଦ୍ କରି ଛାଡ଼ିଦେଇଥିବା ସେ କହିଛନ୍ତି। ଅମରଙ୍କ ଘର ନିକଟରେ ସମ୍ପୃକ୍ତ ବ୍ୟକ୍ତି ଘର ନିର୍ମାଣ କରିଛନ୍ତି। ପାଇଖାନା ଟାଙ୍କି ଅମରଙ୍କ ଘର ସମ୍ମୁଖରେ ରହିଛି। ଟାଙ୍କିରେ ଘୋଡ଼ଣି ନ ଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପଟେ ଅଭିଯୋଗ ଅନୁଯାୟୀ ପଦକ୍ଷେପ ନିଆଯାଉଥିବା ପୋଲିସ କହିଛି।

## ବାର୍‌ହା ଫାଶରେ ଫସିଲା ଗାଈ

**ଅନୁଗୋଳ ଅଫିସ, ୭।୧୧:** ଅନୁଗୋଳ ଜିଲା ବନ୍ତଲା ରେଞ୍ଜ ମହୀଧରପୁର ଅଞ୍ଚଳରେ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ଫାଶରେ ପଡ଼ି ଏକ ଗାଈ ଗୁରୁତର ହୋଇଛି। ଗାଈଟି ମହୀଧରପୁର ଅଞ୍ଚଳର ବସନ୍ତ ନାୟକଙ୍କର। ଗାଈଟି ଚରିବାକୁ ଯାଇଥିବାବେଳେ ଫାଶରେ ପଡ଼ିଯାଇଥିଲା। ଫାଶରେ ପଡ଼ିବା ପରେ ବିସ୍ଫୋରଣ ହୋଇଥିଲା। ଗାଈ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ବନ ବିଭାଗର ଉଦାସୀନତାରୁ ଅଞ୍ଚଳରେ ଶିକାରୀ ସକ୍ରିୟ ହୋଇଉଠିଛନ୍ତି। ଏହାର ପ୍ରତିକାର କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ରେଞ୍ଜରଙ୍କୁ ହତ୍ୟାଧମକ, ଜଣେ ଗିରଫ

**କଣିହାଁ, ୭।୧୧(ଡି.ଏନ.ଏ.):** କଣିହାଁ ବନାଞ୍ଚଳ ଅଧିକାରୀ ତଥା ରେଞ୍ଜର ନୀଳମଣି ଦେହୁରୀଙ୍କୁ ଗାଳିଗୁଲଜ କରିବା ଏବଂ ହତ୍ୟା ଧମକ ଦେବା ଅଭିଯୋଗରେ ରବିବାର ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ବ୍ରାହ୍ମଣଦେଈ ଗ୍ରାମର ସୁରଥ ଚନ୍ଦ୍ର ପ୍ରଧାନ। ଏ ସଂକ୍ରାନ୍ତରେ ନଂ. ୨୮୩/୨୧ରେ ମାମଲା ରୁଜୁ ହୋଇଛି । ଆଇଆଇସି କିଶୋର ସାମଲ କହିଛନ୍ତି, ଅକ୍ଟୋବର ୩୦ ରାତିରେ ନୀଳମଣି ପାଟ୍ରୋଲିଂ କରୁଥିବାବେଳେ ବ୍ରାହ୍ମଣଦେଈ ଗ୍ରାମର କେତେଜଣ ଯୁବକ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏ ନେଇ ସେ ଗତ ୩୧ରେ ଥାନାରେ ଅଭିଯୋଗ ହୋଇଥିଲା।

## ଗ୍ରାମେଶ୍ୱରୀ କପ୍ : ବଲାସିଙ୍ଗା ଚାମ୍ପିୟନ

**ଅନୁଗୋଳ ଅଫିସ, ୭।୧୧:** ଅନୁଗୋଳ ବ୍ଲକ ବନ୍ତଲା ନିକଟସ୍ଥ ହମାମୀରା ଗ୍ରାମରେ ଚାଲିଥିବା ମା' ଗ୍ରାମେଶ୍ୱରୀ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ବଲାସିଙ୍ଗା ଏକାଦଶ ୧ ରନ୍‌ରେ ତଳମୂଳ ଏକାଦଶକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୁବନେତା ଅରୁଣାଭ ସିଂ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୧,୧୧୧ଟଙ୍କା ଏବଂ ରନର୍ସଅପ ଟିମକୁ ୫,୫୫୫ ଟଙ୍କା ପ୍ରଦାନ କରିଥିଲେ। ସୁଜିତ 'ମ୍ୟାନ ଅଫ୍ ଦି ମ୍ୟାଚ୍', ସୁନୀଲ 'ମ୍ୟାନ ଅଫ ଦି ସିରିଜ' ବିବେଚିତ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ସରୋଜ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ରାକେଶ ନନ୍ଦ, ସରପଞ୍ଚ ମନ୍ଦରଧର ଦେହୁରୀ, ବିଜେଡି ନେତା ନାରାୟଣ ସାହୁ, କୃପାସିନ୍ଧୁ ସାହୁ, ସାମାଜିକ କର୍ମୀ ଗୋପବନ୍ଧୁ ସାହୁ, ଗଗନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଲିକୁନ୍ ଦେହୁରୀ, ମହେନ୍ଦ୍ର ଅମାନ୍ତ ପରିଚାଳନା କରିଥିଲେ।

# କଷ୍ଟ ପୂରିଲା, ନିଯୁକ୍ତି ନୋହିଲା

ଅନୁଗୋଳ ଅଫିସ, ୭।୧୧

କଷ୍ଟ ପୂରିଲା। ହେଲେ ମିଳିଲାନି ନିଯୁକ୍ତି। ଏହାର ପ୍ରତିବାଦରେ ନବରତ୍ନ କମ୍ପାନୀ ନାଲ୍‌କୋ ସ୍ମେଲ୍‌ଟର୍ ଆଇଟିଆଇ (ଏଲ୍‌ଏପି) କ୍ଷତିଗ୍ରସ୍ତ ପ୍ରଜାସଂଘର ୧୯୮ ସଦସ୍ୟ ଏବଂ ସେମାନଙ୍କ ପରିବାର ଗଣତାନ୍ତ୍ରିକ ପଦ୍ଧତିରେ ଅର୍ଥନୈତିକ ଅବରୋଧ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୯ ତାରିଖରୁ ଅର୍ଥନୈତିକ ଅବରୋଧ ଆରମ୍ଭ ହେବ। ରବିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ସଂଘର ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ସାମଲ ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ନାଲ୍‌କୋ ଦ୍ୱାରା ୩ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ୩୯ ଗ୍ରାମର ନାଲ୍‌କୋ ସ୍ମେଲ୍‌ଟର୍ ଆଇଟିଆଇର ୧୯୮ଜଣ ପ୍ରଭାବିତ ହୋଇଛନ୍ତି। ସେମାନଙ୍କୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଦିଆଯିବା ନେଇ ଆଲୋଚନା ହୋଇଛି। ହେଲେ ପ୍ରତିଶ୍ରୁତି ପାଳନ କରାଯାଇନାହିଁ। ଏହାର ପ୍ରତିବାଦରେ ସେମାନେ ୨୦୧୮ ଫେବୃୟାରୀରେ ପାଖାପାଖି ମାସେ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ



ଖବରଦାତା ସମ୍ମିଳନୀରେ କ୍ଷତିଗ୍ରସ୍ତ ପ୍ରଜାସଂଘର କାର୍ଯ୍ୟକର୍ତ୍ତାମାନେ।

### ୯ରୁ ଅର୍ଥନୈତିକ ଅବରୋଧ

ସପରିବାର ଗଣଧାରଣା ଦେଇଥିଲେ। ୯ମ ଆର୍‌ପିଏଡିସି ବୈଠକରେ ଏହି ପ୍ରସଙ୍ଗ ଉଠିଥିଲା। ଢେଙ୍କାନାଳ ଏବଂ ସମ୍ବଲପୁର ଏମ୍‌ପିଙ୍କ ସମେତ ସମସ୍ତ ବିଧାୟକଙ୍କ ଉପସ୍ଥିତିରେ ୩ ମାସ ମଧ୍ୟରେ ସମସ୍ୟାର ସମାଧାନ କରାଯିବାକୁ ପ୍ରତିଶ୍ରୁତି ମିଳିଥିଲା। ହେଲେ ନାଲ୍‌କୋ କର୍ତ୍ତୃପକ୍ଷ ଏଥିରେ ସହମତ ହେଲେନାହିଁ। ଏ ନେଇ ଗତ ଅକ୍ଟୋବର ୫ରେ ସିପିପି ମହାପ୍ରବନ୍ଧକ ଏବଂ ଅକ୍ଟୋବର ୧୦ରେ ସ୍ମେଲଟର ମହାପ୍ରବନ୍ଧକଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ସମସ୍ୟାର ସମାଧାନ ପାଇଁ ୧୫ ଦିନ ମହଲତ ମଗାଯାଇଥିଲା। ସମୟ ଅବଧି ଶେଷ ହୋଇଯାଇଥିବାବେଳେ ଏବେ ଆନ୍ଦୋଳନ ଏକମାତ୍ର ବିକଳ୍ପ ବୋଲି ପ୍ରଜାସଂଘ ପକ୍ଷରୁ କୁହାଯାଇଛି। ତଦନୁଯାୟୀ, ଆସନ୍ତା ୯ରୁ ସମ୍ପୃକ୍ତ ୧୯୮ ପ୍ରଜା ଏବଂ ସେମାନଙ୍କ ପରିବାର କୋଭିଡ୍ ଗାଇଡ୍‌ଲାଇନ୍ ପାଳନ ପୂର୍ବକ ଗୋବରା ଡିପସାହି, ଗୋତମରା ମଠ ନିକଟରେ ରେଳରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଦିବ୍ୟରଞ୍ଜନ ଦାସ, ଆରତୀ ନାୟକ, ପ୍ରଣବନ୍ଧୁ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ଛେଣ୍ଡିପଦା ମୁଖ୍ୟ ଫାଟକ ଶିଳାନ୍ୟାସ

ଛେଣ୍ଡିପଦା, ୭।୧୧(ସ୍ୱ.ପ୍ର.)

ସ୍ଥାନୀୟ ମେଡିକାଲ ଛକରେ ରବିବାର ଛେଣ୍ଡିପଦା ମୁଖ୍ୟ ଫାଟକର ଶିଳାନ୍ୟାସ କରାଯାଇଛି। ଗ୍ରାମ୍ୟ କମିଟି ସଭାପତି ଚନ୍ଦ୍ରମଣି ଦେହୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ଜିଲା ପ୍ରତିନିଧି ଅଗସ୍ତି ବେହେରା, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଯଶୋବନ୍ତ ପ୍ରସାଦ ବେହେରା, ଗ୍ରାମ ଉପସଭାପତି ସୁଦୀପ୍ତ ପ୍ରଧାନ, ସମ୍ପାଦକ ରବୀନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଜଗବନ୍ଧୁ ସାହୁ, ଥାନା ଛକ ସଭାପତି ଦଣ୍ଡଧର ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ କମ୍ପସଲା ପଞ୍ଚାୟତର ବହୁ କର୍ମୀ ଉପସ୍ଥିତ ଥିଲେ।


ଭୂମିଭୂଜନ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ସମେତ ଅନ୍ୟମାନେ।

# ପ୍ରଗତିରେ ସାମିଲ ହେବାକୁ ପରାମର୍ଶ


ସମ୍ମିଳନୀରେ ସାମିଲ ହୋଇଥିବା ଯୁବତୀଯୁବକଙ୍କ ସମେତ ଅନ୍ୟମାନେ।

ଅନୁଗୋଳ ଅଫିସ,୭।୧୧

ଅନୁଗୋଳସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାର ପରିସରରେ ଏଆଇଡିୱାଇଓ ପକ୍ଷରୁ ଚାଲିଥିବା ୩ୟ ଜିଲାସ୍ତରୀୟ ଯୁବ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନ ସମାଜର ପ୍ରଗତିରେ ସାମିଲ ହେବାକୁ ଯୁବବର୍ଗଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସଭାପତି ବିଜୟାନନ୍ଦ ମଲ୍ଲିକ, ଉପସଭାପତି ମାନସ ପାଳ, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲା ସମ୍ପାଦକ ଭିକାରି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବେକାରଙ୍କୁ କର୍ମ ନିୟୋଜନ, ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ, କାର୍ଯ୍ୟାଳୟ, ଶିଳ୍ପାନୁଷ୍ଠାନ, ଖଣିଖାଦାନରେ ଖାଲିପଡ଼ିଥିବା ପଦବୀ ପୂରଣ, ଠିକା ନିଯୁକ୍ତି ବନ୍ଦ, ସ୍ଥାୟୀ ନିଯୁକ୍ତି ପ୍ରଦାନ ପାଇଁ ଦାବି କରାଯାଇଥିଲା। ଏହି ଅବସରରେ ଜିଲା ସଙ୍ଗଠନକୁ ମଜଭୁତ୍ କରିବାକୁ ୪୮ ଜଣିଆ କମିଟି ନିର୍ବାଚିତ କରାଯାଇଛି। ଜିଲା ସଭାପତି ବିଷ୍ଣୁ ସାହୁ, ଉପସଭାପତି କିଶୋର ବିଶ୍ୱାଳ, ଅମୂଲ୍ୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍କାଉଟ୍ସ, ଗାଇଡ୍ସ ପ୍ରତିଷ୍ଠା ଦିବସ

ଭୁବନ, ୭।୧୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜ ପରିସରରେ ରବିବାର ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଜିତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ନିତ୍ୟାନନ୍ଦ ପରିଡ଼ା ଯୋଗଦେଇ ସ୍କାଉଟ୍ସ ଏବଂ ଗାଇଡ୍ସର ଲକ୍ଷ୍ୟ, ସ୍ୱେଚ୍ଛାସେବୀଙ୍କ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ସୁକାନ୍ତ କୁମାର ସାହୁ, ପାର୍ଥ ସ୍ୱାଇଁ, ମୁଖ୍ୟ କିରାଣି କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

# ଖମାର ଥାନା ଘେରାଉ

ଖମାର, ୭।୧୧

ମମିତା ମେହେର ହତ୍ୟାକାଣ୍ଡ ମାମଲାରେ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ରବିବାର ଭାଜପା ପାଲଲହଡ଼ା ବ୍ଲକ ଖମାର ମଣ୍ଡଳ ପକ୍ଷରୁ ଥାନା ଘେରାଉ କରାଯାଇଛି। ମଣ୍ଡଳ ସଭାପତି ଗୌରଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବହୁ ଭାଜପା କର୍ମୀ ଖମାର କଲେଜ ପଡିଆରୁ ଶୋଭାଯାତ୍ରାରେ ବାହାରି ଥାନା ସମ୍ମୁଖରେ ବିକ୍ଷୋଭ କରିଥିଲେ। ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଲିଙ୍ଗରାଜ ଦାସ, ସରୋଜ ସାହୁ, ପଞ୍ଚାନନ ସାହୁ, ପ୍ରହ୍ଲାଦ ସାମଲ, ବୁଦ୍ଧଦେବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ମରାମତି ଦାବି

ଅନୁଗୋଳ ଅଫିସ, ୭।୧୧

ଅନୁଗୋଳ ଜିଲା ବଣଅଁରପାଳ ବ୍ଲକ ମରାତିରା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ମରାମତି ଦାବିରେ ସ୍ଥାନୀୟ ବାସିନ୍ଦା ରବିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ସ୍ୱାସ୍ଥ୍ୟସେବାକୁ ଆଧୁନିକୀକରଣ କରିବାକୁ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ନୂଆ ପ୍ରକୋଷ୍ଠ ନିର୍ମାଣ ହେଉଛି। ହେଲେ ମରାତିରା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କାହାରି ଦୃଷ୍ଟି ପଡୁନାହିଁ। ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ଗୃହ ନ ଥିବାବେଳେ ଡାକ୍ତର ଏବଂ କର୍ମଚାରୀ ଅଭାବ ରହିଛି।




ଭଙ୍ଗା ଦଦରା ଘରେ ରୋଗୀ ସେବା ଚାଲିଛି। ମରାତିରା ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ କରିବା ସହ ଅତ୍ୟାବଶ୍ୟକ ଚିକିତ୍ସା ସେବା ଯୋଗାଇ ଦେବାକୁ ଗଣ୍ଡିବେଡ଼ ଆଞ୍ଚଳିକ ଚାଷୀ ମୂଲିଆ ସଂଗ୍ରାମ କମିଟିର ନବଘନ ବିଶ୍ୱାଳ, ରୁକୁ ସାହୁ, ଏସ୍. ଧଳ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଡାକ୍ତରଖାନାର ବରିଷ୍ଠ ଅଧିକାରୀ କହିଛନ୍ତି, ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସମସ୍ୟାର ଅନୁଧ୍ୟାନ କରାଯାଇ ସମାଧାନ କରାଯିବ।

# ନୂତନ ରାସ୍ତା ଭୂମିପୂଜନ


ରାସ୍ତା ନବୀକରଣ କାର୍ଯ୍ୟର ଭୂମିପୂଜନ ଅବସରରେ ବିଧାୟକଙ୍କ ସମେତ ଅନ୍ୟମାନେ।

ବଇଣ୍ଡା, ୭।୧୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ ପଞ୍ଚାୟତ ପୁରୁଣାପାଣି ଠାରୁ ଶିଶୁମନ୍ଦିର ଯାଏ ୩.୬୦୦ କି.ମି. ମାଟି ରାସ୍ତା ପିଚୁ ହେବ। ପୂର୍ତ୍ତ ବିଭାଗ ପକ୍ଷରୁ ୭୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତା ନିର୍ମାଣର ଭୂମିପୂଜନ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଭୂମିପୂଜା କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦଳେଇ, ଜିଲା ପରିଷଦ ସଦସ୍ୟ ବୈଜୟନ୍ତୀ ଦେହୁରୀ, ଠାକୁରଗଡ ସରପଞ୍ଚ ପ୍ରତାପ ପ୍ରଧାନ, ମଇମୁରା ସରପଞ୍ଚ ସତ୍ୟାନନ୍ଦ ରାଉତ, ପୂର୍ତ୍ତ ବିଭାଗ ଏସ୍‌ଡିଓ ଫକୀର ଚରଣ ସାହୁ, ବିଧାୟକଙ୍କ ପ୍ରତିନିଧି କ୍ଷୀରୋଦ କୁମାର ବଘାର, ସୁରେଶ ଚନ୍ଦ୍ର ସାହୁ, ପ୍ରାଣବନ୍ଧୁ ସାହୁ, ସୁନୀଲ ବିଶ୍ୱାଳ, ପବିତ୍ର ମୋହନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ହତାଶିମିଳି ନାଳ ଉପରେ ନିର୍ମାଣ କରାଯାଇଥିବା ପୋଲକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ।

# ଟାଙ୍ଗୁଡ଼ିଆରେ କାଳୀପୂଜା

ଛେଣ୍ଡିପଦା, ୭।୧୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ସନ୍ତରାବନ୍ଧ ପଞ୍ଚାୟତ ଟାଙ୍ଗୁଡିଆ ଗ୍ରାମରେ ମା'ଶ୍ୟାମା କାଳୀଙ୍କ ପୂଜା ପାଳିତ ହେଇଯାଇଛି। ଏହି ଅବସରରେ କଳସଯାତ୍ରା, ମୃଣ୍ମୟୀ ପ୍ରତିମାରେ ଜୀବନ୍ୟାସ, ପ୍ରାଣ ପ୍ରତିଷ୍ଠା ଆଦି ପାରମ୍ପରିକ ନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ବିଧାୟକ ସୁଶାନ୍ତ ବେହେରା ମା'ଙ୍କ ଦର୍ଶନ କରିଥିଲେ। ଗ୍ରାମ ସଭାପତି ଶରତ ଚନ୍ଦ୍ର ସାହୁ, ଉପସଭାପତି ରତ୍ନାକର ପ୍ରଧାନ, ସମ୍ପାଦକ ପ୍ରଦୀପ ମାଝି, ରାଜକିଶୋର ପ୍ରଧାନ, ବ୍ରଜବନ୍ଧୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି।

# ସମୟାନୁବର୍ତ୍ତୀ ହେବାକୁ ଆହ୍ୱାନ

ଢେଙ୍କାନାଳ ଅଫିସ, ୭।୧୧

ଭାରତ ସ୍କାଉଟ୍ସ ଓ ଗାଇଡ୍ସର ୭୧ତମ ପ୍ରତିଷ୍ଠା ଦିବସ ଢେଙ୍କାନାଳ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ରବିବାର ପାଳିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ତଥା ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଜିଲା ମୁଖ୍ୟ କମିଶନର ନିବେଦିତା ପାଣି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସ୍ୱେଚ୍ଛାସେବୀଙ୍କୁ ଶୃଙ୍ଖଳିତ ଏବଂ ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ବ୍ରହ୍ମାନନ୍ଦ ରାଉତ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସ୍କାଉଟ୍ସ ଓ ଗାଇଡ୍ସ ସମ୍ପାଦକ ସୌଦାମିନୀ ଦାସ, ଜିଲା ସ୍କାଉଟ୍ସ କମିଶନର ଗଗନ ବିହାରୀ ନାୟକ, ଗାଇଡ୍ସ କମିଶନର ପୁଷ୍ପାଞ୍ଜଳି ଦଳେଇ ଆଲୋଚନାରେ ଭାଗ ନେଇଥିଲେ। ନରେଶ ମହାରଣା,



କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ସବିତା ସାହୁ, ସ୍ୱର୍ଣ୍ଣାଞ୍ଜଳି ମିଶ୍ର, ସୁବ୍ରତ ମିଶ୍ର, ସୁଶୀଲ ପଣ୍ଡା, ବିଜୟ ଦେହୁରୀ, ଅମିୟକୃଷ୍ଣ ଧଳ, ସୌଦାମିନୀ ଦଳେଇ, ହରପ୍ରିୟା ଦାସ, ଦୀପକ ରଞ୍ଜନ ମୁଦୁଲି, ବାନାର୍ଜୀ ମହାନ୍ତି, ପ୍ରତାପ କୁମାର ସାମନ୍ତ, ବିଜୟ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ସ୍କାଉଟ୍ସ ମାଷ୍ଟର ଓ ଗାଇଡ୍ସ କ୍ୟାପ୍‌ଟେନ ଜିଲାପାଳଙ୍କ ବାସଭବନରେ ଜିଲାପାଳ ସରୋଜ କୁମାର ସେଠୀଙ୍କୁ ଟୋକନ ଫ୍ଲାଗ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପୂର୍ବାହ୍ନ ୧୦ଟାରେ ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ସହ ଚାରା ରୋପଣ କରାଯାଇଥିଲା। ଏଥିସହ ଜନସଚେତନତା ପାଇଁ ବାଜିଚୌକ୍ ଯାଏ ପଦଯାତ୍ରା, ସାଇକେଲ ଏବଂ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

## ୨୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଛେଣ୍ଡିପଦା, ୭।୧୧(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ପୋଲିସ ନୂଆଗାଁ ପଞ୍ଚାୟତ ଭାଲୁବୋଲ ଗ୍ରାମରେ ରବିବାର ଚଢ଼ାଉ କରି ୨୨ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସୁରେନ୍ଦ୍ର ନାଏକ ଓରଫ୍ କାଳିଆଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ଏକ ଟ୍ରାକ୍ଟର, ବାଇକ୍ ଏବଂ ଫସଲ ଅମଳ ମେଶିନ ଜବତ କରାଯାଇଛି। ସୁରେନ୍ଦ୍ରଙ୍କ ଘରେ ଗଞ୍ଜେଇ ପ୍ୟାକିଂ କରାଯାଇ ବାହାରକୁ ଚାଲାଣ ପାଇଁ ଯୋଜନା କରାଯାଉଥିଲା। ସୂଚନା ପାଇ ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାସ, ଛେଣ୍ଡିପଦା ଏସଆଇ ଅରୁଣ ବେହେରା ସଦଳବଳ ଚଢ଼ାଉ କରିଥିଲେ। ଏ ନେଇ ନଂ. ୫୧୯/୨୧ରେ ଏକ ମାମଲା ରୁଜୁ ହୋଇଛି।

## ୪ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୭।୧୧

ଅନୁଗୋଳ ଜିଲାରୁ ୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୪୫୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଚିହ୍ନଟ ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ପୌରାଞ୍ଚଳରୁ ୨ ଓ ତାଳଚେର ବ୍ଲକରୁ ୨ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ୨ ଜଣ ପଜିଟିଭ୍ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ୯୦ ହଜାର ଜରିମାନା ଆଦାୟ

**କଣିହାଁ, ୭।୧୧(ଡି.ଏନ.ଏ.):** କଣିହାଁ ତହସିଲ ଅନ୍ତର୍ଗତ ସିପୁର ନନ୍ଦକିଶୋର ଉଚ୍ଚବିଦ୍ୟାଳୟ ନିକଟରେ ବେଆଇନ ମାଟି ଖୋଳି ଚାଲାଣ କରାଯାଉଥିବାବେଳେ ଶନିବାର ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଏକ ଜେସିବି ମେଶିନ, ୩ ଟ୍ରାକ୍ଟର ଜବତ କରାଯାଇଛି। ୯୦ହଜାର ଟଙ୍କା ଜରିମାନା ଆଦାୟ କରାଯିବା ପରେ ଗାଡିଗୁଡିକୁ ଛଡ଼ା ଯାଇଥିବା ତହସିଲଦାର ପତିତପାବନ ଦେବତା ସୂଚନା ଦେଇଛନ୍ତି।

## ମହିଳାଙ୍କୁ ନିର୍ଯାତନା, ହେଉନି କାର୍ଯ୍ୟାନୁଷ୍ଠାନ

ଅନୁଗୋଳ ଅଫିସ, ୭।୧୧

ଅନୁଗୋଳ ସଦର ଥାନା ବେଣାଗାଡ଼ିଆ ଅଞ୍ଚଳରେ ଦୀପାବଳିରେ ଜଣେ ମହିଳାଙ୍କୁ ମାଡ଼ ମରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ସଦର ଥାନା ପକ୍ଷରୁ ସୂଚନା ଦିଆଯାଇଛି। ଆକ୍ରମଣର ଶିକାର ହୋଇଥିବା ପ୍ରଭାତୀ ନାଏକ କହିଛନ୍ତି, ଦୀପାବଳିରେ ସେ ଘର ସମ୍ମୁଖରେ ଦୀପ ଜାଳିଥିଲେ। ସନ୍ଧ୍ୟାରେ ଗ୍ରାମର କେତେଜଣ ଯୁବକ ଦ୍ରୁତଗତିରେ ବାଇକ୍‌ରେ ଆସି ଦୀପ ଉପରେ ଚଢ଼ାଇ ଦେଇଥିଲେ। ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରିଥିଲେ। ଏ ନେଇ ସେ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବାକି ଟଙ୍କା ମାଗିବାରୁ ମାଡ଼ ଅଭିଯୋଗ

ବଇଣ୍ଡା, ୭।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମର ଅନିଲ ମାଝିଙ୍କୁ ଅନନ୍ତ ଚରଣ ସାହୁ ଏବଂ ତାଙ୍କ ସ୍ତ୍ରୀ ରମାଦେବୀ ମାଡ଼ ମାରିଥିବା ଶନିବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ବ୍ୟାଙ୍କରୁ ଋଣ ଉଠାଇବା ଉଦ୍ଦେଶ୍ୟରେ ୨୦୧୦ରେ ଅନନ୍ତଙ୍କ ଜମିପଟ୍ଟା ଅନିଲ ଆଣିଥିଲେ। ବାପାଙ୍କ ପଟ୍ଟା ସହିତ ଅନନ୍ତଙ୍କ ଜମିପଟ୍ଟା ମିଶାଇ ତାଙ୍କ ଭାଇ ଅଜିତ ମାଝିଙ୍କ ନାମରେ ବଇଣ୍ଡା ଷ୍ଟେଟ ବ୍ୟାଙ୍କରୁ ୬ ଲକ୍ଷ ଟଙ୍କା ଋଣ ଆଣିଥିଲେ। ସେଥିରୁ ଅନନ୍ତ ଏବଂ ରମାଦେବୀ ୨ ଲକ୍ଷ ୫୦ ହଜାର ଟଙ୍କା ନେଇ ଫେରାଇ ନ ଥିଲେ। ଗତ ମାର୍ଚ୍ଚ ୩୧ରେ ଅଜିତ ସମସ୍ତ ଋଣ ଶୁଝିଥିଲେ। ଅନନ୍ତ ନେଇଥିବା ୨ ଲକ୍ଷ ୫୦ ହଜାର ଟଙ୍କା ମାଗିବାକୁ ଅନିଲ ତାଙ୍କ ଘରକୁ ଯାଇଥିବା ବେଳେ ଦମ୍ପତି ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ପୋଲିସ ନଂ. ୨୭୪/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ଅରୁଣ କୁମାର ପଣ୍ଡା କହିଛନ୍ତି।

